ଇଟା ବେପାରୀ ମାଲେମାଲ୍

## ପ୍ରଦୂଷଣ ବଳୟରେ ଜହ୍ନାପଙ୍କ ଅଞ୍ଚଳ

**ବୌଦ୍ଧ,୩୧।୫(ସମିସ):** ବୌଦ୍ଧ ତହସିଲ ଅଧୀନ ବଢ଼ିଗାଁ, ଖୁଣ୍ଟବନ୍ଧ, ତେଲିବନ୍ଧ, ମୁଣ୍ଡାପଡ଼ା, ବଘିଆପଡ଼ା ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ଇଟାପୋଡା ଯାଉଥିବା ଯୋଗୁ ପ୍ରଦୂଷଣ ମାତ୍ରା ଏତେ ବଢି ଯାଇଛି ଯେ ସଂପୂର୍ଣ୍ଣ ଅଞ୍ଚଳ ଏବେ ଧୂଳିଧୂଆଁରେ ଜର୍ଜରିତ। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବିଭାଗ ପ୍ରତି ସନ୍ଦେହ ଦେଖାଦେଇଛି। ଇଟାପୋଡା ଯାଉଥିବା ଭାଟି ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିଷେଧାଦେଶ ଜାରି କରିଛି। ଏହାସହିତ ବୌଦ୍ଧ ତହସିଲ ଅଧୀନ ୨୩ଟି ପଞ୍ଚାୟତର ଶହ ଶହ ଇଟାଭାଟି ପ୍ରଶାସନର ଅଲିଖିତ ନିର୍ଦ୍ଦେଶରେ ବିପୁଳ ଅର୍ଥ ନେଇ ଇଟା ପୋଡିବା ପାଇଁ ଇଟାମାଫିଆମାନଙ୍କୁ ସୁଯୋଗ ଦିଆଯାଉଛି। ବିଭାଗୀୟ ଅଧିକାରୀ ଅଞ୍ଚଳରେ ଇଟାପୋଡିବାକୁ ସୁଯୋଗ ଦେଇ ଅର୍ଥ ଆଦାୟ କରୁଥିବା ଅନୁସନ୍ଧାନରୁ ଜଣା ପଡିଛି। ଇଟାଭାଟିରୁ ବାର୍ଷିକ ରାଜସ୍ୱ ଆୟ ହେଉ ନ ଥିବା ବେଳେ ଭାଟି ନ ଥିବା ଦର୍ଶାଇ ଏହି ତହସିଲ ଅଞ୍ଚଳରୁ ବେଆଇନ ଅର୍ଥ ଆଦାୟ କରାଯାଉଛି। ଜନସାଧାରଣ ଭାଟି ଧୂଆଁରେ କଲବଲ ହେଲେ ପଛେ ହୁଅନ୍ତୁ ପ୍ରଶାସନିକ ଅଧିକାରୀ ଇଟା ମାଫିଆଙ୍କୁ ସୁଯୋଗ ଦେଇ ଅର୍ଥ ଗୋଟାଇବାରେ ବ୍ୟସ୍ତ ରହୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଞ୍ଚଳରେ ବେଆଇନ ଭାବେ ପୋଡୁଥିବା ଇଟାଭାଟି ପ୍ରସଙ୍ଗରେ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ହୃଦ୍ ଚିକିତ୍ସା ପାଇଁ କୋଲକାତା ଗଲେ ୫ ଶିଶୁ



**ମନମୁଣ୍ଡା,୩୧।୫(ସମିସ):** ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଆନୁକୂଲ୍ୟରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଜି ୫ ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଉତ୍ତମ ଚିକିତ୍ସା ପାଇଁ ହାୱଡାସ୍ଥିତ ନାରାୟଣ ସୁପର ସ୍ପେସାଲିଟି ହସ୍ପିଟାଲ ପଠାଯାଇଛି। ଧଉରାକୁଦ, ଲମ୍ବସରୀ, ମନୋହରପୁରାରୁ ଜଣେ ଲେଖାଏଁ ଏବଂ ପରତଲା ଗ୍ରାମର ୨ ଜଣଙ୍କୁ ମୋବାଇଲ ଆୟୁଷ ଡାକ୍ତର ଅଶୋକ ସାହୁଙ୍କ ନେତୃତ୍ୱରେ ଏଏନ୍‌ଏମ୍ ସ୍ୱର୍ଣ୍ଣକିନି ତ୍ରିପାଠୀ, ଫାର୍ମାସିଷ୍ଟ ବିକ୍ରାନ୍ତ ପଣ୍ଡାଙ୍କ ସହଯୋଗରେ ରୋଗୀ ଚିହ୍ନଟ କରିଥିଲେ। ଆଜି ଏହି ମୋବାଇଲ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡାକ୍ତର ମହେନ୍ଦ୍ର ସଏ ଏକ ସ୍ୱତନ୍ତ୍ର ଗାଡ଼ିରେ ରେଳ ଷ୍ଟେସନକୁ ନେଇ ଛାଡ଼ିଥିଲେ। ବୌଦ୍ଧ ଡିଇଆଇସି ସାମାଜିକ କର୍ମୀ ଗରୁଡ଼ଧ୍ୱଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିଶୁ ରୋଗୀ ଓ ସେମାନଙ୍କ ଅଭିଭାବକ ହାୱଡା ଅଭିମୁଖେ ଯାଇଛନ୍ତି।

## ପୂର୍ଣ୍ଣମାସି କ୍ଲବ୍ ତରଫରୁ ଦହିପଣା ବଣ୍ଟନ



**ତରଭା,୩୧।୫ (ସମିସ):** ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ପୂର୍ଣ୍ଣମାସି କ୍ଲବ୍ ତରଫରୁ ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ ମଧ୍ୟ ତରଭା ସୁନାରୀପଡା ଭଗବତ ମନ୍ଦିର ସମ୍ମୁଖରେ ସାପ୍ତାହିକ ବଜାରକୁ ଆସୁଥିବା ଜନସାଧାରଣଙ୍କୁ ସୁସ୍ୱାଦୁ, ରୁଚିକର, ଶୀତଳ ଦହିପଣା ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ତତସହିତ ଅଂଶୁଘାତରୁ କିପରି ରକ୍ଷା ମିଳିବ ସେ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କ୍ଲବ୍ ସଭାପତି ସନ୍ତୋଷ ସାହୁ, ଅଶୋକ ସାହୁ, ପର୍ଶୁରାମ ସାହୁ, ଅମର ଚୌହାନ, ଶିବ ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସଦସ୍ୟ ସହଯୋଗ କରିଥିଲେ।

## ଯୋଜନାବଦ୍ଧ ଆକ୍ରମଣ ଘଟଣାରେ ୩ ଗିରଫ



**ଡୁଙ୍ଗୁରିପାଲି, ୩୧।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ଧାରୀବାଞ୍ଜି ମୁଖ୍ୟ ରାସ୍ତା ସିଆଲିନାଲି ନିକଟରେ ଗତ ୯ ତାରିଖ ହୋଇଥିବା ଯୋଜନାବଦ୍ଧ ଆକ୍ରମଣର ରାମପୁର ପୁଲିସ ପର୍ଦ୍ଦାଫାସ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ଘଟଣାର ୩ ଅଭିଯୁକ୍ତଙ୍କୁ ରାମପୁର ପୁଲିସ ଗିରଫ କରି ଗତ ୨୯ ତାରିଖ କୋର୍ଟ ଚାଲାଣ କରିଥିଲା। କୋର୍ଟ ଚାଲାଣ କରାଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଅନ୍ଧାରିବାଞ୍ଜି ସରପଞ୍ଚଙ୍କ ସ୍ୱାମୀ ରମେଶ ସାହୁ, ପଣ୍ଡରାପାଲିର ପୂର୍ଣ୍ଣ ପଣ୍ଡା ଏବଂ ସୁଲେଇ ଗ୍ରାମର ଆଶିଷ ପଧାନ ରହିଛନ୍ତି। ମାଷ୍ଟର ମାଇଣ୍ଡ ସୁଲେଇ ଗାଁର ନରେଶ ପ୍ରଧାନ ଫେରାର ମାରିଛି। ତେବେ ନରେଶ ନାଁରେ ୪ଟି ସମ୍ବେଦନଶୀଳ ମାମଲା ରହିଛି। ତେବେ ଏଥରକୁ ମିଶାଇ ଦୁର୍ବୃତ୍ତମାନେ ଅଭିଯୋଗକାରୀ ଅମିତ ପାତ୍ର ଏବଂ ତାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ୩ଥର ଆକ୍ରମଣ କରିଛନ୍ତି।

ଗ୍ରାହକଙ୍କ ସୁବିଧା ପ୍ରତି ନିଘା ନାହିଁ

# ମୁଖ୍ୟ ରାସ୍ତାରେ ଏସ୍‌ବିଆଇ ଗ୍ରାହକଙ୍କ ପାର୍କିଂ

ବୌଦ୍ଧ,୩୧।୫(ସମିସ)




ଟଙ୍କା ଜମା ଦେବା ହେଉ ବା ଟଙ୍କା ଉଠାଇବା ପାଇଁ ହେଉ କି ଅନ୍ୟ କୌଣସି କାମ ପାଇଁ ହେଉ ଜହ୍ନାପଙ୍କ ଅଞ୍ଚଳବାସୀ ଏବେ ବ୍ୟାଙ୍କ ଯିବାକୁ ନିହାତି ଅରୁଚିକର କାମ ବୋଲି ଧରି ବସିଲେଣି। କାରଣ ବ୍ୟାଙ୍କ କାରବାରରେ ଲାଗି ରହୁଥିବା ନାନା ପ୍ରକାର ଅସୁବିଧା ଏପରିକି ବ୍ୟାଙ୍କରେ ପିଇବା ପାଇଁ ପାଣି ମୁନ୍ଦିଏ ମଧ୍ୟ ମିଳୁ ନ ଥିବାରୁ ଲୋକେ ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ କରୁଛନ୍ତି। ବ୍ୟାଙ୍କ ନିକଟରେ ଥିବା ନଳକୂପ ୩ ମାସରୁ ଅଧିକ ହେଲା ଖରାପ ହୋଇଥିବା ଯୋଗୁଁ ପାଣି ଟିକିଏ ପାଇଁ ହଇରାଣ ହେବାକୁ ପଡୁଛି।

ଜହ୍ନାପଙ୍କ ଅଞ୍ଚଳର ଜନସଂଖ୍ୟା ପ୍ରାୟ ୨୦ ହଜାର ହୋଇଥିବା ବେଳେ ଏହା ଏକ ବ୍ୟବସାୟର ପେଣ୍ଠପଳ। ଆଖପାଖ ୫ଟି ପଞ୍ଚାୟତର ଜନସାଧାରଣ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ବେଳେ ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି; କିନ୍ତୁ ବ୍ୟାଙ୍କରେ ଗ୍ରାହକମାନଙ୍କ ବସିବା ପାଇଁ ସ୍ଥାନ ନ ଥିବାରୁ ଘଣ୍ଟା ଘଣ୍ଟା ଠିଆ ହୋଇ ଅପେକ୍ଷା କରିବାକୁ ପଡେ। ବର୍ଷକୁ ଶହ ଶହ କୋଟି ଟଙ୍କାର କାରବାର କରୁଥିବା ବେଳେ ବ୍ୟାଙ୍କ ଗ୍ରାହକଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦେଉଥିବା ପରି ମନେ ହେଉନାହିଁ। ଅନ୍ୟ ପଟେ ବ୍ୟାଙ୍କରେ ଗାଡି ପାର୍କିଂର ସୁବିଧା ନାହିଁ। ଏହାଫଳରେ ବ୍ୟାଙ୍କକୁ ଆସୁଥିବା ଲୋକେ ବ୍ୟାଙ୍କ ଆଗରେ ଅର୍ଥାତ ଜହ୍ନାପଙ୍କ-ଚାରିଛକ ରାସ୍ତା ଉପରେ ହିଁ ଗାଡ଼ି ରଖି କାରବାର କରିବାକୁ ଭିତରକୁ ଯାଆନ୍ତି। ଏମିତିରେ ଲୋକଙ୍କ ଚିନ୍ତା ବ୍ୟାଙ୍କ କାରବାର କରିବାରେ କମ ଗାଡି ସୁରକ୍ଷିତ ଅଛି କି ନାହିଁ ସେଚିନ୍ତା କରିବାରେ ଅଧିକ ସମୟ ଯାଏ। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ପାର୍କିଂ ଯୋଗୁଁ ଦୁର୍ଘଟଣାର ଆଶଙ୍କା ରହିଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି।

ଅନ୍ୟପଟେ ବ୍ୟାଙ୍କ ଭିତରକୁ ଗଲେ ପାନୀୟ ଜଳ କଥା ଦୂରେ ଥାଉ ଗ୍ରାହକଙ୍କ ପାଇଁ ପରିସ୍ରାଗାରଟିଏ ମଧ୍ୟ ନାହିଁ। ଏହାଫଳରେ ମହିଳା ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିବ୍ୟାଙ୍ଗମାନଙ୍କ ପାଇଁ ଖସଡ଼ା ନ ଥିବାରୁ ସେମାନେ ବ୍ୟାଙ୍କକୁ ଆସିଲେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଣେ ବ୍ୟାଙ୍କ ଭିତରେ ନାହିଁ ନ ଥିବା ଭିଡ଼। ଏହି ବ୍ୟାଙ୍କରେ ବିଭିନ୍ନ ପ୍ରକାର ସରକାରୀ ଯୋଜନା ତଥା ସରକାରୀ କର୍ମଚାରୀଙ୍କ ଦରମା ପେନସନ ଆଦି କାମ ଚାଲୁଥିବା ବେଳେ ସେମାନଙ୍କ ଭିଡ଼ ଯୋଗୁଁ ସାଧାରଣ ଲୋକ ତଥା ବ୍ୟବସାୟୀ ନିଜ ନିଜର କାରବାର କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଠିଆ ହେବାକୁ ପଡୁଥିବା ବେଳେ ଠିକ ସମୟରେ କାମ ହୋଇ ପାରୁନଥିବା ଗ୍ରାହକମାନେ ପ୍ରକାଶ କରିଛନ୍ତି। ନାରାୟଣ ନଗର ଏକ ଗଳି ଭିତରେ ଥିବା ଏସ୍‌ବିଆଇର ଏଟିଏମ ଅନେକ ସମୟରେ ବନ୍ଦ ରହୁଥିବାରୁ ଏମିତିରେ ଅଞ୍ଚଳବାସୀ ଜରୁରୀ କାମ ପଡ଼ିଲେ ଏଟିଏମରୁ ଟଙ୍କା ଉଠାଇବାକୁ ଯାଇଁ ଅନେକ ସମୟରେ ନିରାଶ ହୋଇ ଫେରୁଛନ୍ତି। ତେବେ ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ଏଠାରେ ଆଉ ଗୋଟିଏ କାଉଣ୍ଟର ପାଇଁ ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉନାହାନ୍ତି।

ବ୍ୟାଙ୍କ ସମୟ ପ୍ରତିଦିନ ସକାଳ ୧୦ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଥିବାବେଳେ ୨ ଟା ରୁ ୩ ଟା ଖାଇବା ପାଇଁ ବ୍ୟାଙ୍କ ସେବା ବନ୍ଦ ରହୁଥିବାରୁ ଦୂରଦୂରାନ୍ତରୁ ଆସିଥିବା ଗ୍ରାହକ ଅଯଥା ଅପେକ୍ଷା କରି ସମୟ ନଷ୍ଟ ହେବା ସହ ଟାଣ ଖରାରେ ଯିବାକୁ ବାଧ୍ୟ ହେଉଛନ୍ତି। ବ୍ୟକ୍ତିଗତ ଋଣ ହେଉ କି ସାମୂହିକ ଋଣ ମଞ୍ଜୁର ପାଇଁ ଦଲାଲକୁ ନ ଧରିଲେ ଋଣ ମିଳେନାହିଁ। ଏହି ଦଲାଲ ୫୦୦ରୁ ୧୦୦୦ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଏନେଇ ଶାଖା ପରିଚାଳକ କଳ୍ପନା ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଗ୍ରାହକଙ୍କ ସୁବିଧା ପ୍ରତି ଦୃଷ୍ଟି ଦେବା ସହ ଉତ୍ତମ ଗ୍ରାହକ ସେବା ଏବଂ ପାର୍କିଂ ସ୍ଥାନ ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାମ୍ବୁବନ୍ଧର ପୁନରୁଦ୍ଧାର ଓ ପାହାଚ ମରାମତି ଦାବି

**ବୌଦ୍ଧ,୩୧।୫(ସମିସ):** ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ୫୭ ନମ୍ବର ଜାତୀୟ ରାଜପଥ କଡରେ ଥିବା ବୁରକଟାର ଜାମ୍ବୁବନ୍ଧର ପୁନଃ ଉଦ୍ଧାର କରିବା ସହ ପାହାଚ ମରାମତି କରିବା ପାଇଁ ଦାବି ହୋଇଛି। ଏକମାତ୍ର ଏହି ପୋଖରୀକୁ ଲୋକଙ୍କ ବ୍ୟବହାର ପାଇଁ ଭରସା ଥିବାବେଳେ ଏହା କୌଣସି କାମରେ ଆସୁ ନାହିଁ। ପୋଖରୀରେ ବର୍ତ୍ତମାନ ପଲିଥିନ, ପଦ୍ମ ପତ୍ର, ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇରହିଛି। ସେହିପରି ପୋଖରୀର ୩ଟି ପାହାଚ ନିର୍ମାଣ ହୋଇ ଥିବା ବେଳେ ସେଥିରୁ ୨ଟି ଭାଙ୍ଗିରୁଜି ଯାଇଛି। ଏହାଫଳରେ ବିଶେଷକରି ବୃଦ୍ଧବୃଦ୍ଧା, ମହିଳା ତଳକୁ ଓହ୍ଲାଇବାରେ କଷ୍ଟ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ପୂର୍ବରୁ ଏହି ପୋଖରୀର ଜଳ ଲୋକେ ଖାଇବା ପିଇବାରେ ବ୍ୟବହାର କରୁଥିଲେ। ହେଲେ ଦୀର୍ଘ ବର୍ଷ ହେଲା ପୋଖରୀର ପୁନରୁଦ୍ଧାର ହେଉ ନ ଥିବାରୁ ଏବେ ଅସ୍ତିତ୍ୱ ହରାଇବାକୁ ବସିଛି। ପ୍ରାୟ ୬ ଏକର ପରିମିତ ପୋଖରୀ ସମାନଭାଗରେ ପାଣି ଭରି ରହିଥିବାବେଳେ ଆହୁରି ଅଧା ଶୁଖୁଲା ରହିଛି। ବର୍ତ୍ତମାନ ଏହା ପଙ୍କରେ ଭର୍ତ୍ତି ହେବା ଯୋଗୁଁ ପାଣି ଥିଲେ ମଧ୍ୟ ସ୍ନାନ ଶୌଚ କରି ହେଉନାହିଁ। ପଦ୍ମପତ୍ର ଓ ଅନାବନା ଘାସ ଯୋଗୁଁ ପାଣିରୁ ଦୁର୍ଗନ୍ଧ ବାହାରୁଥିବାରୁ କେହି ବ୍ୟବହାର କରୁ ନାହାଁନ୍ତି। ଏହାଫଳରେ ଲୋକମାନେ ନଳକୂଅ ଉପରେ ନିର୍ଭର କରୁଛନ୍ତି। ପଞ୍ଚାୟତ ପକ୍ଷରୁ ପ୍ରତବର୍ଷ ଅଦରକାରୀ ପୋଖରୀର ଉନ୍ନତୀକରଣ କରୁଥିବା ବେଳେ ଏହି ପୋଖରୀ ହେୟ ମାନୁଛନ୍ତି। ପ୍ରଶାସନ ଦୃଷ୍ଟି ଦେଲେ ଶୁଖୁଲା ଜାଗାରେ ପୋଖରୀର ପୁନରୁଦ୍ଧାର କଲେ ପାଣି ସମତୁଲ ଭାବେ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଯଥାଶୀଘ୍ର ପୋଖରୀର ପୁନରୁଦ୍ଧାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମ କମିଟିର ସଭାପତି ଅନନ୍ତ ପ୍ରଧାନ, ଦେବାର ବିଶି, ସାଗର ପ୍ରଧାନ, କମ୍ଭୁ ଅମାତ, ଗୋପାଳ ଅମାତ, ସମୀର ପ୍ରଧାନ, ଦୟାନିଧି ପ୍ରଧାନ, ରବି ପଟ୍ଟନାୟକ, ଶ୍ରୀରାମ ପ୍ରଧାନ, ନାରାୟଣ ମହାରଣା, ବାବୁଲି କହଁର, କେଦାର ବେହେରା, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ୨ ଗାଈ ମୃତ

**ମନମୁଣ୍ଡା,୩୧।୫(ସମିସ):** ମନମୁଣ୍ଡା ପଞ୍ଚାୟତ କପାଶିରା ଗ୍ରାମର ଗୋ-ଚାଷୀ ଆଦିତ୍ୟ ପ୍ରସାଦ ନାଏକଙ୍କ ୨ଟି ଗାଈଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ଏଥିରୁ ଗୋଟିଏ ଗର୍ଭିଣୀ ଥିଲା। ଗାଈ ଦୁଇଟି ଦେଉଳି ମୌଜା ଆଡ଼କୁ ଚରିବାକୁ ଯାଇଥିବାବେଳେ ଜଣେ ବ୍ୟକ୍ତିଙ୍କ ଘରର ତାରଜାଲି ବାଡ ସଂସ୍ପର୍ଶରେ ଆସି ଆଖି ବୁଜିଥିଲେ। ଏହି ଘଟଣା ପରେ ଆଦିତ୍ୟ ଭାଙ୍ଗି ପଡିଛନ୍ତି।

## ଆଇସିୟୁରୁ ବାହାରିଲେ ତରଭା ବ୍ଲକ୍ ଅଧ୍ୟକ୍ଷ



**ତରଭା,୩୧।୫(ସମିସ):** ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ବିଜେଡି ସୋନପୁର ଜିଲ୍ଲା ସଭାପତି ତଥା ତରଭା ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପ ଆଇସିୟୁରୁ ବାହାରିଛନ୍ତି। ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ଶ୍ରୀ କମ୍ପଙ୍କୁ ଏଠାକୁ ଅଣାଯିବା ପରେ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଭେଷଜ ୱାର୍ଡ ନମ୍ବର ୫୦୫କୁ ଅଣାଯାଇଛି। ଡାକ୍ତର ବିକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ବର୍ତ୍ତମାନ ସେ ସ୍ୱାଭାବିକ ଭାବେ କଥାବାର୍ତ୍ତା କରିବା ସହ ଖାଇବା ପିଇବା କରୁଛନ୍ତି।

ଡାକ୍ତରଖାନାରେ ତାଙ୍କର ପତ୍ନୀ ସୋନପୁର ଜିଲ୍ଲାପରିଷଦ ସଭ୍ୟା ଅଞ୍ଜଳି କମ୍ପ, ଭାଉଜ ଦେଉଳପଦର ସରପଞ୍ଚ ସୁପ୍ରିୟା କମ୍ପ ଏବଂ ସମ୍ପର୍କୀୟ ପୁତୁରା ରାମଚନ୍ଦ୍ର ପୂଜାହାରୀ ଶ୍ରୀ କମ୍ପଙ୍କ ଦେଖାଶୁଣା କରୁଛନ୍ତି। ସୋନପୁର ବିଧାୟକ ନିରଞ୍ଜନ ପୁଜାରୀ, ତରଭା ଏନଏସି ଅଧ୍ୟକ୍ଷାଙ୍କ ସ୍ୱାମୀ ମଧୁସୂଦନ ପାଣ୍ଡେ, ଉପନଗରପାଳ ଗଗନ ଅଗ୍ରୱାଲ, ବିଏମପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିଜେଡିର ଦଶରଥ ସାହୁ, ସୁବାଷ ସେଠୀ, ଅଶ୍ୱିନୀ ବିଶି, ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ ପ୍ରମୁଖ ତାଙ୍କୁ ଡାକ୍ତରଖାନାରେ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟଯେ, ଗତ ୧୯ ତାରିଖ ଶ୍ରୀ କମ୍ପ ତାଙ୍କର ସ୍କର୍ପିଓରେ ଭୁବନେଶ୍ୱରରୁ ନିଜ ଗ୍ରାମ ଦେଉଳପଦରକୁ ଫେରୁଥିଲେ। ବଲାଙ୍ଗୀର ଜିଲ୍ଲା ସାଲେଭଟାରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରଲରର ପଛପଟେ ସ୍କର୍ପିଓ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଶ୍ରୀ କମ୍ପ ଓ ଡ୍ରାଇଭର ଧନଞ୍ଜୟ କଳତା (୨୪)ଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହା ଓ ପରେ ବଲାଙ୍ଗୀର ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଶୋଚନୀୟ ଥିବାରୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନା ଓ ପରେ ଭୁବନେଶ୍ୱରକୁ ଅଣାଯାଇଥିଲା। ଦୁର୍ଘଟଣାର ପରଦିନ ଡ୍ରାଇଭର ଧନଞ୍ଜୟଙ୍କ ପରଲୋକ ହୋଇଯାଇଥିଲା।

## ୮ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ



**ବୌଦ୍ଧ,୩୧।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ହରେକୃଷ୍ଣପୁର କ୍ଲଷ୍ଟର୍ ଅଧୀନ ନୂଆପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନୀଳାଚଳ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ୮ ଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମ୍ପିକଟାର ସଚ୍ଚିଦାନନ୍ଦ ପ୍ରଧାନ, ପୂର୍ଣ୍ଣାନନ୍ଦ ବାରିକ, ରମେଶ ରାଉଳ, ସାମ୍ପୋଚର ରଜନୀକାନ୍ତ ପ୍ରଧାନ, ବିଷ୍ଣୁପୁରର ଉମେଶ ଚନ୍ଦ୍ର ନାୟକ, ବରଝୁଲିର ଆର୍ତ୍ତିକ ପାତ୍ର, ନୂଆପଡ଼ାର ମକରନ୍ଦ ସାହୁ, ହରେକୃଷ୍ଣପୁରର ନିରୁପମା ଦେବୀଙ୍କୁ ସମ୍ବର୍ଦ୍ଧନା ପତ୍ର ସହ ଉତ୍ତରୀୟ, ଫୁଲଗଛ, ଉପହାର ସହ ନାରିକେଳ ଅର୍ପଣ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ନିଜ ନିଜ ଜୀବନର ଅନୁଭୂତି କହିବା ସହ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମୟାନୁବର୍ତ୍ତି, କର୍ତ୍ତବ୍ୟ ନିଷ୍ଠ ହୋଇ ଛାତ୍ରଛାତ୍ରୀଙ୍କ ପାଇଁ କାମକଲେ ସଫଳ ଶିକ୍ଷକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ତ୍ରିଲୋଚନ ପାତ୍ର, ନିରଞ୍ଜନ ଜେନା, ଦାଶରଥି ବେହେରା, ବିଜୟ ଦେହୁରୀ, ଶ୍ରୀଧର କହଁର, ବିଜ୍ଞାନ ପ୍ରଧାନ, ଅଧସ୍ମିତା ଭୋକ୍ରା, ବଂଶୀଧର ପାଢ଼ୀ, ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ସହ ଅତିଥି ପରିଚୟ କରିଥିଲାବେଳେ ପ୍ରଫୁଲ୍ଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଲିଙ୍ଗରାଜ କଲତା, ଅଞ୍ଜଳି ମେହେର, ଦୋଳଗୋବିନ୍ଦ ବେହେରା, ଧୀରେନ୍ ପ୍ରଧାନ, ଫୁଲଚନ ନାୟକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

# ଘରୁ ତମାଖୁ ବର୍ଜନ କରିବାକୁ ଆହ୍ୱାନ

ବୌଦ୍ଧ,୩୧।୫ (ସମିସ)




ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ଶାଖା ତରଫରୁ ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠରେ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଛି। ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଆର୍ଟ ଅଫ୍ ଲିଭିଙ୍ଗର ସଦସ୍ୟମାନେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାର ତମାଖୁ ନିରୋଧ ସେଲ୍‌ର ମୁଖ୍ୟ ପରାମର୍ଶଦାତା ଆଲୋକ ମିଶ୍ର ଯୋଗଦେଇ ତମାଖୁ ସେବନର ଭୟଭୟତା ପ୍ରକାଶ କରି ସରକାରଙ୍କ ତମାଖୁ ବର୍ଜନ ପାଇଁ ବିଭିନ୍ନ କାର୍ଯକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସଭାରେ ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି ଡ. ପ୍ରବୀର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ତମାଖୁ ବର୍ଜନ ନିଜ ନିଜ ଘରୁ ଆରମ୍ଭ କରିବାକୁ ପଡିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବୌଦ୍ଧ ଜିଲ୍ଲା ତମାଖୁ ନିରୋଧ ପ୍ରକୋଷ୍ଠର ପରାମର୍ଶଦାତା ରିତେଶ ତ୍ରିପାଠୀ ଯୋଗଦେଇ ଏହି ବର୍ଷ ବ୍ୟାପୀ କାର୍ଯକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ପ୍ୟାରୀମୋହନ ଶତପଥୀ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ନିଶା ନିବାରଣ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ।

ଅନ୍ୟତମ ଅତିଥି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୌଦ୍ଧ ଶାଖାର ସଂଯୋଜକ ବି କେ ସରୋଜ ତାଙ୍କ ଅନୁଷ୍ଠାନର ନିଶା ନିବାରଣ କାର୍ଯ୍ୟ ବିଷୟ ପରି ପ୍ରକାଶ କରିବା ସହ କିପରି ନିଜକୁ ପରିବର୍ତ୍ତନ କରିବେ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ସାମାଜିକ କର୍ମୀ କୃତିବାସ ପଲିଆ ଧନ୍ୟବାଦ ପ୍ରଦାନ କରିଥିଲେ। ତାପରେ ଏକ ଶୋଭାଯାତ୍ରା ମାଧ୍ୟମରେ ତମାଖୁ ର ଭୟାଭୟତା ବିଷୟରେ ସ୍ଲୋଗାନ ଦେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ପଟ୍ଟନାୟକ, ଲକ୍ଷ୍ମୀଧର ବେହେରା, ନିରଞ୍ଜନ ସାଥୁଆ, ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କାଳବୈଶାଖୀ କ୍ଷତିଗ୍ରସ୍ତ ପରିବାରକୁ ସହାୟତା



**କନ୍ଧମାଳ/ଶଗଡ଼ା,୩୧।୫(ସମିସ):** କନ୍ଧମାଳ ବ୍ଲକ୍ ଅଧୀନ ଲମ୍ବସେରୀ ପଞ୍ଚାୟତ ବେହେରାପଡ଼ା ଗ୍ରାମରେ କାଳବୈଶାଖୀ ଯୋଗୁ ପ୍ରାୟ ୧୦ ପରିବାରର ବହୁ କ୍ଷୟକ୍ଷତି ହୋଇଛି। ଦାଶରଥି ଦିଗାଲ, ଉପେନ୍ଦ୍ର କୁମ୍ଭାର ଏବଂ ରହିତା ବଣ୍ଡକିଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି। ପ୍ରଚଣ୍ଡ ଫରାରେ ଏମାନେ ଜରିପାଲ ଟାଣି ବାହାରେ ରହୁଛନ୍ତି। ଏପର୍ଯ୍ୟନ୍ତ ଏମାନଙ୍କ ପାଖକୁ ସରକାରୀ ସହଯୋଗ ପହଞ୍ଚି ପାରିନି। ଏହି ଖବର ପାଇ ଆମ୍ବେଦକର ସୋସିଆଲ ଟ୍ରଷ୍ଟର କର୍ମକର୍ତ୍ତା ଏମାନଙ୍କୁ ସହଯୋଗର ହାତ ବଢାଇଛନ୍ତି। ସଭାପତି ସୁନିଲ ହରିପାଲ, ସାଧାରଣ ସମ୍ପାଦକ ଲୁଭଧର ସୁନା, ସଂଗଠନ ସମ୍ପାଦକ ମୋନିତ ଭୋଇନା, କୋଷାଧ୍ୟକ୍ଷ ଚମରୁ ବାଘ, ସଂଯୁକ୍ତ ସଂଗଠନ ସମ୍ପାଦକ ବିଦ୍ୟାଭୂଷଣ ବେହେରା, ସକ୍ରିୟ ସଦସ୍ୟ ଅନିଲ ହରିପାଲ, ବୈଷ୍ଣବ ମଲ୍ଲିକ, ଜଳେଶ୍ୱର କୁମ୍ଭାର, ରାଜେନ୍ଦ୍ର ବାଘ, ସୁଶାନ୍ତ ଛତ୍ରିଆ, ବିଭୁଶଙ୍କର ରାଜହଂସ, ଆନନ୍ଦ ମହାନନ୍ଦ, ସୁଶାନ୍ତ ମହାନନ୍ଦ, ସୁରେଶ ମହାନନ୍ଦ, ମହେଶ୍ୱର କୁମ୍ଭାର, ମହାଦେବ କଲତା, ଦେବଦତ୍ତ ସାଗର ପ୍ରମୁଖ ଏମାନଙ୍କୁ ସାହାଯ୍ୟ କରିଛନ୍ତି। କାଳବୈଶାଖୀ କ୍ଷତିଗ୍ରସ୍ତ ପରିବାରକୁ ଏମାନେ ଡାଲି, ଚାଉଳ, ଚୂଡା, ଚିନି, ଅଟା, ଆଳୁ, ପିଆଜ, ବିସ୍କୁଟ ଇତ୍ୟାଦି ଯୋଗାଇ ଦେଇଛନ୍ତି।

## ରାଜଗାଙ୍ଗପୁର ପେଟ୍ରୋଲ ପମ୍ପରେ ଡକାୟତି ଉଦ୍ୟମ ପଣ୍ଡ

# ୬ ଗିରଫ; ବନ୍ଧୁକ ସହ ମାରଣାସ୍ତ୍ର ଜବତ

ରାଉରକେଲା, ୩୧।୫(ସମିସ)

ସୁନ୍ଦରଗଡ଼ ଜିଲ୍ଲା ରାଜଗଙ୍ଗପୁର ଥାନା ପୁଲିସ କୁନମୁର ପେଟ୍ରୋଲ ପମ୍ପରେ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୬ ଡକାୟତଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ ସହ ମାରଣାସ୍ତ୍ର ଜବତ କରାଯାଇଛି। ସୂଚନା ଅନୁସାରେ ରାଜଗାଙ୍ଗପୁର ଥାନା ଅଧୀନ କୁନମୁର ନିକଟ ପେଟ୍ରୋଲ ପମ୍ପ ପଛପଟେ ୩୦୦ ମିଟର ଦୂରରେ ଥିବା ଏକ ପୋଖରୀ ନିକଟରେ କିଛି ଦୁର୍ବୃତ୍ତ ବଡ଼ଧରଣର ଡକାୟତି ଯୋଜନା କରୁଥିବାନେଇ ସୂଚନା ମିଳିବା ପରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୬ ଜଣ ଡକାୟତଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖଣ୍ଡା, ୨ଟି ଛୁରି, ୨ଟି ଲୁହା ଛଡ଼, ସ୍କୁଟି, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ଗିରଫ ହୋଇଥିବା ଡକାୟତମାନେ କୁନମୁର ପେଟ୍ରୋଲ ପମ୍ପରେ ଡକାୟିତି କରିବା ପାଇଁ ଏକତ୍ରିତ ହୋଇଥିବା କଥା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଡକାୟତମାନେ ହେଲେ ରାଜଗାଙ୍ଗପୁର ଅଧୀନ ରବାନି ଛକ ନିବାସୀ ଏମ୍‌ଡି ସମସେର ଆଲାମ୍ ଓରଫ ଦାବୋ (୪୧), ଏମ୍‌ଡି ସଲିମ(୩୭), ବଗିଚାପଡ଼ାର ଶୁଭମ ସାହୁ ଓରଫ ପିଚୁ (୨୮), ବାଘାଟୋଲାର ନାରାୟଣ ମିଞ୍ଜ(୪୫), ଟିକିଲପଡ଼ାର ସୋନୁ ପଟ୍ଟନାୟକ ଓରଫ ଛୋଟୁ(୩୦) ଏବଂ ସିନ୍ଧିପଡ଼ାର ଦୀପକ ମାହାତୋ(୩୨)। ସମସ୍ତ ଗିରଫ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଆଜି ରାଜଗାଙ୍ଗପୁର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି କୃଷ୍ଣପ୍ରସାଦ ମିଶ୍ର, ଏସଡିପିଓ ବିଭୁତିଭୂଷଣ ଭୋଇ, ଆଇଆଇସି ବିଜୟ କୁମାର ଦାସ ପ୍ରମୁଖ ସୂଚନା ଦେଇ କହିଛନ୍ତି ଯେ ଗିରଫ ଏମଡି ସମସେର ଆଲାମ ନାଁରେ ରାଜଗାଙ୍ଗପୁରରେ ଏନଡିପିଏସ



ଏବଂ ଆର୍ମସ ଆକ୍ଟ ମାମଲା ରହିଥିବାବେଳେ ଶୁଭମ ସାହୁ ନାଁରେ ରାଜଗାଙ୍ଗପୁର ଓ କୁତ୍ରା ଥାନାରେ ୯ଟି ବିଭିନ୍ନ ଅପରାଧିକ ମାମଲା ରହିଛି। ସେହିପରି ଏମ୍‌ଡି ସଲିମ ନାଁରେ ରାଜଗାଙ୍ଗପୁର ଥାନାରେ ଏନଡିପିଏସ ମାମଲା, ସୋନୁ ପଟ୍ଟନାୟକ ନାଁରେ ରାଜଗାଙ୍ଗପୁର ଥାନାରେ ଏକ ଅପରାଧିକ ମାମଲା ଏବଂ ଦୀପକ ମାହାତୋ ନାଁରେ ୨ଟି ଅପରାଧିକ ମାମଲା ରହିଛି ବୋଲି ସୂଚନା ଦେଇଥିଲେ।

# ସେଲ୍ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକଙ୍କ ଆର୍‌ଏସ୍‌ପି ଗସ୍ତ

**ରାଉରକେଲା, ୩୧।୫(ସମିସ):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଡ. ଅଶୋକ କୁମାର ପଣ୍ଡା ରାଉରକେଲା ଇସ୍ପାତ କାରଖାନାକୁ ଏକ ଦୁଇ ଦିନିଆ ଗସ୍ତରେ ଆସି ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ପରିଦର୍ଶନ କରିଛନ୍ତି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ




ବର୍ମା ରାଉରକେଲା ବିମାନବନ୍ଦରରେ ଡ. ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନୀଲ କୁମାର ଉପସ୍ଥିତ ଥିଲେ। ବିମାନବନ୍ଦରରେ ଆରଏସପିର ସିଆଇଏସଏଫ୍ ୟୁନିଟ୍ ପକ୍ଷରୁ ଡ. ପଣ୍ଡାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ. ପଣ୍ଡା ଆର୍‌ଏସ୍‌ପିର ସମ୍ପ୍ରସାରଣ ସ୍ଥଳ ଏବଂ ନ୍ୟୁ ପ୍ଲାଣ୍ଟ ମିଲ୍ ପରିଦର୍ଶନ କରିଥିଲେ। ସିଏମ୍‌ଡିଙ୍କ ସହ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବ୍ୟବସାୟିକ ଯୋଜନା) (ସେଲ୍‌ଫ) ରାଜୀବ ରଞ୍ଜନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ୍ ପାଲ୍ ଚୌଧୁରୀ ଉପସ୍ଥିତ ଥିଲେ। ପରିଦର୍ଶନ ପରେ, ଡ. ପଣ୍ଡା ଆର୍‌ଏସ୍‌ପିର 'ମନ୍ଥନ' ସମ୍ମିଳନୀକକ୍ଷରେ ଅନୁଷ୍ଠିତ ଏକଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଭାରପ୍ରାପ୍ତ ନିର୍ଦ୍ଦେଶକ ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସିଜିଏମ, ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଆର୍‌ଏସ୍‌ପି ଗସ୍ତକୁ ନିଜର 'ଘର ବାହୁଡ଼ା' ଭାବେ ଅଭିହିତ କରି ଡ.ପଣ୍ଡା କାରଖାନାର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ବିଭିନ୍ନ କ୍ଷେତ୍ରରେ ଏହାଦ୍ୱାରା ସ୍ଥାପିତ ହୋଇଥିବା ଅନେକ ରେକର୍ଡର ପ୍ରଶଂସା କରିଥିଲେ। ଆଲୋଚନା ସମୟରେ ଡ. ପଣ୍ଡା ଇସ୍ପାତ କାରଖାନାର ପରିଚାଳନାର ତିନୋଟି ପ୍ରମୁଖ ଦିଗ ସୁରକ୍ଷା, ଯନ୍ତ୍ରପାତିର ସୁସ୍ଥତା ଏବଂ ମୂଲ୍ୟଯୁକ୍ତ ଇସ୍ପାତର ଅଧିକ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଉରକେଲା ବିମାନବନ୍ଦରରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୧୧ରେ ଅଭିଯାନ ଅନୁଷ୍ଠାନର ରଜ ମହୋତ୍ସବ

**ରାଉରକେଲା, ୩୧।୫(ସମିସ):** ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ଅଭିଯାନ' ପକ୍ଷରୁ ରଜ ମହୋତ୍ସବ ଆସନ୍ତା ଜୁନ୍ ମାସ ୧୧ ତାରିଖ ଦିନ ସିଭିକ ସେଣ୍ଟର୍ ଠାରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସେକ୍ଟର- ୬ସ୍ଥିତ ବସ୍ତିଆ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ଆବାହକ ମୁକ୍ତିକାନ୍ତ ବେହେରା ଓ ଅନ୍ୟ ସଦସ୍ୟମାନେ କହିଲେ ଯେ ଆସନ୍ତା ୧୧ ତାରିଖରେ ସିଭିକ୍ ସେଣ୍ଟର୍ ଠାରେ ହେବାକୁ ଥିବା ରଜମହୋତ୍ସବ କାର୍ଯ୍ୟକ୍ରମ ପାଇଁ ଆସନ୍ତା ୭ ତାରିଖ ଦିନ ସେକ୍ଟର ୧୫ କମ୍ୟୁନିଟି ସେଣ୍ଟରଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ସେହିପରି ୧୧ ତାରିଖ ଦିନ ସିଭିକ ସେଣ୍ଟର ଠାରେ ସନ୍ଧ୍ୟା ସାଢ଼େ ୫ ଟାରେ ମୁଖ୍ୟଉତ୍ସବ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅଳତା ପ୍ରତିଯୋଗିତା, ପୋଡ଼ପିଠା, ପାନଭଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବା କାର୍ଯ୍ୟକ୍ରମ



ରହିଛି। ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ଆବାହକ ମୈତ୍ରୀ ମଞ୍ଜୁଶ୍ରୀ ପାଢ଼ୀ, ଲୁସି ଦାଶ, ସମ୍ପାଦକ ଅମ୍ରିତା ନିଲମ, ସଭାପତି ଦିପିକା ମହାନ୍ତି, କାର୍ଯ୍ୟକାରୀ ସଭାପତି କଳ୍ପନା ଭଞ୍ଜ, ରୁନି ଶତପଥୀ, ସୁମିତ୍ରା ସ୍ୱାଇଁ, ରଜନୀ ନାୟକ, ସୁପ୍ରଭା ବେହୁରିଆ, ଦେବେନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ 'ଜୀ ସାର୍ଥକ'ର ଦେବଦାସୀ ସିଜନ୍ ୪ ର ବିଜେତା ସାଇନି ସିଲକୀ, କଣ୍ଠଶିଳ୍ପୀ ଉର୍ମିଳା ମାହାତୋ, ଓଲିଉଡ ଷ୍ଟାର ରୋନିକର ପ୍ରମୁଖ ଯୋଗ ଦେବେ। ଏହି ଅବସରରେ ରାଉରକେଲାର ପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ ମଧ୍ୟରେ ନୃତ୍ୟ ମଧୁରମ୍, ଆଶା ସ୍ଥଳୀ କଳା ସଙ୍ଗମ, ଉପାସନା ଡ୍ୟାନ୍ସ ଗ୍ରୁପ୍, ପ୍ରିୟା ଡ୍ୟାନ୍ସ ଗ୍ରୁପ୍, ବିଜୟ ସାମଲ ଗ୍ରୁପଙ୍କ ନୃତ୍ୟ ପ୍ରଦର୍ଶନ ସହ ସୌରଭ ମିଶ୍ର ବଂଶୀ ବାଦନ ବିଶେଷ ଆକର୍ଷଣ ରହିବ।

## ନୂତନ ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ବଣାଇଁ, ୩୧।୫(ସମିସ):** ବଣାଇଁ ବନଖଣ୍ଡରେ ନୂତନ ଅଧିକାରୀ ଭାବେ ଯଶୋବନ୍ତ ସେଠୀ ଆଜି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବିଭାଗୀୟ କର୍ମଚାରୀଙ୍କ ତରଫରୁ ଡିଏଫଓଙ୍କୁ ସ୍ୱାଗତ କରାଯାଇଥିଲା। ସହକାରୀ ବନସଂରକ୍ଷକ ଦୁର୍ଯ୍ୟୋଧନ



ଜେରେଇ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କ ସହ ଅନ୍ୟାନ୍ୟ ସମସ୍ତ ରେଞ୍ଜ ଅଧିକାରୀ, ବନପାଳ ବନରକ୍ଷୀ କାର୍ଯ୍ୟାଳୟର କର୍ମକର୍ତ୍ତା ଓ ପଶୁପ୍ରେମୀ ବିପିନ ପ୍ରଧାନ ଉପସ୍ଥିତ ଥିଲେ। ଅନୁଷ୍ଠିତ ସ୍ୱାଗତ ସମାରୋହରେ ଯଶୋବନ୍ତ ସେଠୀ ତାଙ୍କ ଉଦବୋଧନରେ କହିଥିଲେ ଯେ, ବଣାଇଁ ବନଖଣ୍ଡର ସମଗ୍ର ଉନ୍ନତି ପାଇଁ ସେ ସଦା ସଚେତନ ଓ ପ୍ରତିବଦ୍ଧ ରହିବେ। ସମଗ୍ର ଅଞ୍ଚଳରେ ଜଙ୍ଗଲସୁରକ୍ଷା ପାଇଁ ନିଆ ଯାଉଥିବା ପଦକ୍ଷେପ, ବନ୍ୟପ୍ରାଣୀ ସଂରକ୍ଷଣ, ନୂତନ ବନୀକରଣ ଏବଂ ସ୍ଥାୟୀ ପରିବେଶ ପରିଚାଳନାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଣେଶ୍ୱର କଳାକାର ସଂଘ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା।

## ଯୁବ ସଙ୍ଗମ୍ ପର୍ଯ୍ୟାୟ ୬

# ୪୧ ଓଡ଼ିଶା ଯୁବ ପ୍ରତିନିଧିଙ୍କ ୧୦ ଦିନିଆ ଗୁଜରାଟ ଗସ୍ତ

**ରାଉରକେଲା, ୩୧।୫(ସମିସ):** ଯୁବ ସଙ୍ଗମ ପର୍ଯ୍ୟାୟ ୬ ଅଧୀନ ଗୁଜରାଟରୁ ଛାତ୍ର ପ୍ରତିନିଧିଙ୍କ ଛଅ ଦିନିଆ ଯାତ୍ରା ପରେ ଆଜି ଓଡ଼ିଶାର ୪୧ ଛାତ୍ର ପ୍ରତିନିଧି ଦଳ ଗୁଜରାଟ ଯାତ୍ରା କରିଥିବା ଜଣାପଡ଼ିଛି। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ପତାକା ଦେଖାଇ ଏହି ଗସ୍ତର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମାରୋହରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ, ଆଜି ଓଡ଼ିଶାର ଛାତ୍ରଛାତ୍ରୀମାନେ ଗୁଜରାଟରେ ଆମ ରାଜ୍ୟକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ମୂଲ୍ୟବୋଧକୁ ସେମାନଙ୍କ ସହିତ ବାଣ୍ଟିବେ କରିବେ। ୨୫୦୦ ରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କେବଳ ୪୧ ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା ବୋଲି ସେ କହିଥିଲେ। ବିଧାୟକ ସାରଦା ପ୍ରସାଦ ନାୟକ ଏହି ଅବସରରେ ତାଙ୍କ ବକ୍ତବ୍ୟରେ ରାଉରକେଲାର ଇତିହାସ ବାଣ୍ଟିଥିଲେ ଏବଂ ଭାରତର ପ୍ରମୁଖ ଶିଳ୍ପ ନଗରୀ ମଧ୍ୟରୁ ଗୋଟିଏ ଭାବରେ ସହରକୁ କିପରି ଯୋଜନା ଏବଂ ବିକଶିତ କରାଯାଇଥିଲା ତାହା ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବେର ଏନ୍‌ଆଇଟି ରାଉରକେଲାର କୁଳସଚିବ ପ୍ରଫେସର ରୋହନ ଧମାନ ମଧ୍ୟ ଯୋଗଦେଇ ଏହି ଛାତ୍ରଛାତ୍ରୀ ପ୍ରତିନିଧି ଦଳଙ୍କୁ ଓଡ଼ିଶାର ରାଷ୍ଟ୍ରଦୂତ ବୋଲି ଅଭିହିତ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ଯୁବ ସଙ୍ଗମ ପର୍ଯ୍ୟାୟ ୬ ପାଇଁ ଏନ୍‌ଆଇଟି ରାଉରକେଲାକୁ ଓଡ଼ିଶାରୁ ନୋଡାଲ୍ ପ୍ରତିଷ୍ଠାନ ଭାବରେ ମନୋନୀତ କରାଯାଇଛି। ଏନ୍‌ଆଇଟି ରାଉରକେଲାରେ କାର୍ଯ୍ୟକ୍ରମ ଯୁବ ସଙ୍ଗମ ଓଡ଼ିଶାର ନୋଡାଲ୍ ଅଧିକାରୀ ପ୍ରଫେସର ୱିନି ରାଉତରାୟଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଥିବା ସୂଚନା ମିଳିଛି। ଓଡ଼ିଶା ପ୍ରତିନିଧି ଦଳ ସହିତ ଫ୍ୟାକଲ୍ଟି ସଂଯୋଜକ ପ୍ରଫେସର ଦୀପଞ୍ଜନ ସାହା, ପ୍ରଫେସର ମହମ୍ମଦ ଖାଲିଦ ଗୁଲ, ପ୍ରଫେସର ରଶ୍ମୀ ଅଚଲା ମିଞ୍ଜ, କ୍ରୀଡ଼ା ଅଧିକାରୀ ସି. ଆଲାଗେସନ ଏବଂ ଏନଆଇଟି ରାଉରକେଲାର ଜନସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ଯୋଗ ଦେଉଥିଲେ। ସୂଚନାଯୋଗ୍ୟ ଯେ ମେ' ୩୦ ରୁ ଜୁନ୍ ୮ ପର୍ଯ୍ୟନ୍ତ ୧୦ ଦିନ ଧରି ଗୁଜରାଟ ଗସ୍ତ ସମୟରେ ପ୍ରତିନିଧିମାନେ ରାଜ୍ୟବ୍ୟାପୀ ବିଭିନ୍ନ ଶିକ୍ଷାଗତ, ସାଂସ୍କୃତିକ, ଐତିହାସିକ ଏବଂ ବିକାଶମୂଳକ ସ୍ଥାନ ଅନୁସନ୍ଧାନ କରିବେ। ଯାତ୍ରା କାର୍ଯ୍ୟକ୍ରମରେ ଓଡ଼ିଶାର ଏହି ପ୍ରତିନିଧି ଦଳ ଆଇଆଇଏମ୍ ଅହମ୍ମଦାବାଦ, ଅଦାଲଜ୍ ଷ୍ଟେପୱେଲ୍, ସାବରମତୀ ଆଶ୍ରମ, ଅମୁଲ ଡାଏରୀ, ଇନ୍ଦିରା ସେତୁ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିବେ। ପ୍ରତିନିଧି ଦଳ ଗାନ୍ଧୀନଗର ଯାତ୍ରା କରି ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି।



# ଆର୍‌ଏସ୍‌ପିର ୨୫୦ରୁ ଊର୍ଦ୍ଧ୍ୱଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ପ୍ରଦାନ



**ରାଉରକେଲା, ୩୧।୫(ସମିସ):** ସ୍ଥାନୀୟ ଯୁବକଯୁବତୀଙ୍କ ମଧ୍ୟରେ ସ୍ଥାୟୀ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାର ଏକ ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧ କୋଟି ଟଙ୍କା ବ୍ୟୟରେ ୨୫୦ରୁ ଊର୍ଦ୍ଧ୍ୱଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ଅଧୀନରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଠାରେ ପରିଚାଳିତ ହେଉଥିବା 'ନିଯୁକ୍ତି ଯୋଗ୍ୟତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ'। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ୨୦୨ ପ୍ରଶିକ୍ଷାର୍ଥୀ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବିଭିନ୍ନ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି, ଯେଉଁଥିରେ ମେଡିକାଲ ଆଟେଣ୍ଡାଣ୍ଟ, ଆଡଭାନ୍ସଡ୍ ସ୍ପେଶାଲାଇଜଡ ନର୍ସିଂ, ଆଡଭାନ୍ସଡ୍ ଫିଜିଓଥେରାପି, ହସ୍ପିଟାଲ ଆଡମିନିଷ୍ଟ୍ରେସନ, ଆନାସ୍ଥେସିଆ/ଓଟି ଆଟେଣ୍ଡାଣ୍ଟ, ଡାଟାଏଣ୍ଟ୍ରି ଅପରେଟର ଏବଂ ମେଡିକାଲ ଟ୍ରାନ୍ସକ୍ରିପସନ, ଲ୍ୟାବ୍ ଟେକ୍ନିସିଆନ, ରେଡିଓଗ୍ରାଫର, କ୍ରିଟିକାଲ କେୟାର ନର୍ସିଂ ଏବଂ ଫାର୍ମାସିଷ୍ଟ ପ୍ରଶିକ୍ଷଣ ସାମିଲ ରହିଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ଦକ୍ଷ କାର୍ଯ୍ୟବଳ ସୃଷ୍ଟି କରିବା, ଯେଉଁମାନେ ବିଭିନ୍ନ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ପାଇବାକୁ ସକ୍ଷମ ହୋଇପାରିବେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ସ୍ୱରୂପ, ଆର୍‌ଏସ୍‌ପିର ଆଖପାଖ ଗ୍ରାମଗୁଡ଼ିକର ୫୨ ଜଣ ସୁବିଧା ବଞ୍ଚିତ ଯୁବକ ଯୁବତୀ ଭୁବନେଶ୍ୱରସ୍ଥିତ 'ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି' (ସିପେଟ୍)ଠାରେ ପ୍ଲାଷ୍ଟିକ୍ ଉତ୍ପାଦର ମୋଲ୍ଡିଂ (ଏମଓପିପି) ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଛନ୍ତି। ଦୁଇଟି ବ୍ୟାଚ୍‌ରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ପ୍ଲାଷ୍ଟିକ୍ ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ଏବଂ ଚାକିରିର ସୁଯୋଗ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଆର୍‌ଏସ୍‌ପି ଏହି ପ୍ରକଳ୍ପରେ ୧୬.୩୩ ଲକ୍ଷ ଟଙ୍କା ବ୍ୟୟ କରିଛି। ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ, ଆର୍‌ଏସ୍‌ପି ଦକ୍ଷତାର ବ୍ୟବଧାନକୁ ଦୂର କରିବା ସହ ନିଜର ଆଖପାଖ ସମୁଦାୟର ଯୁବକଯୁବତୀଙ୍କ ପାଇଁ ଲାଭଦାୟକ ନିଯୁକ୍ତିର ମାର୍ଗ ପ୍ରଶସ୍ତ କରିବା ଜାରି ରଖିଛି।

## ଆଇଜିଏଚ୍‌ରେ ଜାତୀୟ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ

**ରାଉରକେଲା, ୩୧।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଠାରେ ସ୍ୱାସ୍ଥ୍ୟ ସେବା ବୃତ୍ତିଧାରୀ ଏବଂ ନର୍ସିଂ ପ୍ରଶିକ୍ଷଣ ଅନୁଷ୍ଠାନରେ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଋତୁସ୍ରାବ ସ୍ୱଚ୍ଛତା, ମହିଳା ସ୍ୱାସ୍ଥ୍ୟ ଏବଂ ଋତୁସ୍ରାବ ସହିତ ଜଡ଼ିତ ସାମାଜିକ କୁସଂସ୍କାର କିମ୍ବା ଲଜ୍ଜାକୁ ଦୂର କରିବା ସମ୍ବନ୍ଧରେ ସଚେତନତା ପ୍ରସାର କରିବା। ନର୍ସିଂ ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ନାଟିକା ପ୍ରଦର୍ଶନ ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଭାଗ ନେଇଥିଲେ। ମୁଖ୍ୟ ଚିକିତ୍ସା ଭାରପ୍ରାପ୍ତ ଅଧିକାରୀ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମେଘରାୟ ମାଝୀଙ୍କ ସମେତ ହସ୍ପିଟାଲର ଡାକ୍ତର, ନର୍ସିଂ କର୍ମଚାରୀ, ଅଧ୍ୟାପକ/ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମାଜରେ ସଚେତନତା ବୃଦ୍ଧି ଏବଂ ମହିଳା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସ୍ୱାସ୍ଥ୍ୟ କର୍ମୀ ଏବଂ ଶିକ୍ଷକମାନଙ୍କ ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

# ବନପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବଣାଇ, ୩୧।୫(ସମିସ):** ବଣାଇଁ ବନଖଣ୍ଡରେ ବନପାଳ ଭାବେ କାର୍ଯ୍ୟ କରୁଥିବା ବନପାଳ ମଦନ ସୁନ୍ଦର ମିଶ୍ର ରବିବାର ଅବସର ନେଇଛନ୍ତି। ଏହି ଅବସରରେ ଶନିବାର ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।



ଶ୍ରୀ ମିଶ୍ର ୧୯୮୮ରେ ପ୍ରଥମେ ବଣାଇଁ ବନଖଣ୍ଡରେ ବନରକ୍ଷୀ ଭାବରେ ଯୋଗ ଦେଇ ପରବର୍ତ୍ତୀ ସମୟରେ ବନପାଳ ଭାବେ ପଦୋନ୍ନତି ପାଇ ବଣାଇଁ ବନଖଣ୍ଡର ବିଭିନ୍ନ ରେଞ୍ଜରେ ବନପାଳ ଭାବେ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଦୀର୍ଘ ୩୮ ବର୍ଷ ଧରି କାର୍ଯ୍ୟକରିବା ପରେ ବନବିଭାଗ ରେ " ଭଲ ଅଭିଜ୍ଞତା ମିଳିଛି ବୋଲି ଶ୍ରୀ ମିଶ୍ର କହିବା ସହ ସମସ୍ତଙ୍କର ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ, ଅଫିସ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶ୍ରୀ ମିଶ୍ରଙ୍କୁ ବନଖଣ୍ଡ ଅଧିକାରୀ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଅବସରକାଳୀନ ଅବଶିଷ୍ଟ ଜୀବନ ନିରାମୟ ଓ ସୁଖଦ ହେଉ ବୋଲି କାମନା କରିଥିଲେ।

## ପ୍ରାଚୁର୍ଯ୍ୟରେ ଭରପୁର କୋଇଡ଼ା ଖଣି ଅଞ୍ଚଳ

# ଚାକିରି ଖୋଜୁଛନ୍ତି କୋଇଡ଼ାବାସୀ; ବାହାର ରାଜ୍ୟରୁ ଆସୁଛନ୍ତି ଶ୍ରମିକ

ରାଉରକେଲା/କୋଇଡ଼ା, ୩୧।୫(ସମିସ)

ଖଣି ପ୍ରାଚୁର୍ଯ୍ୟରେ ଭରପୁର କୋଇଡ଼ା ଖଣି ଅଞ୍ଚଳ ରାଜ୍ୟର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ବେଳେ ଏଠାକାର ଶ୍ରମିକ ଓ ଗ୍ରାମବାସୀ ଚାକିରି ପାଇଁ ବାରଦୁଆର ହେଉଛନ୍ତି। ଖଣି ମାଲିକମାନେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେଇ ବାହାରର ରାଜ୍ୟରୁ ଶ୍ରମିକ ଆଣି ନିଯୁକ୍ତି ଦେଉଛନ୍ତି। ଯାହାଫଳରେ କୋଇଡାର ବେକାର ଯୁବକ ଯୁବତୀ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି।



ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଖଣି ଅଞ୍ଚଳ ରାଜ୍ୟ ତହବିଲକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରି ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ହେଲେ ଦୁଃଖ ଓ ବିଡମ୍ବନାର ବିଷୟ ଯେ କୋଇଡା ଅଞ୍ଚଳରେ ଖଣି ଖନନ ପାଇଁ ଯେଉଁ କୋଇଡାବାସୀ ନିଜର ଭାତହାଣ୍ଡି ସଦୃଶ ଚାଷ ଜମିକୁ ଟେକି ଦେଇଥିଲେ, ସେମାନଙ୍କ ଅବସ୍ଥା ଏବେ ଦୟନୀୟ। ସେମାନେ ଦେଇଥିବା ଜମିରେ ଖଣି ଖନନ ହେଉଥିବା ବେଳେ ସେଠାରେ ବାହାର ରାଜ୍ୟର ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ କୋଇଡାର ଲୋକମାନେ କାମ ପାଉନାହାଁନ୍ତି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟକ ଗ୍ରାମବାସୀ ଖଣିରେ ନିଯୁକ୍ତି ପାଇଥିଲେ। ହେଲେ ସମ୍ପ୍ରତି ଭାରୀ ଯନ୍ତ୍ରପାତି ଉପରେ ଖଣି କର୍ତ୍ତୃପକ୍ଷ ବିଶେଷ କରି ନିର୍ଭରଶୀଳ ହେବାରୁ ମାନୁଆଲ କାର୍ଯ୍ୟ ହ୍ରାସ ପାଇଛି। ଯାହାଫଳରେ ନିଯୁକ୍ତି କମିଛି। ତେବେ ବିଶେଷ କରି ବାହାର ରାଜ୍ୟର ଶ୍ରମିକଙ୍କୁ ଆଣି କାର୍ଯ୍ୟ କରାଯାଉଥିବାରୁ ସ୍ଥାନୀୟଲୋକଙ୍କ ମଧ୍ୟରେ କ୍ଷୋଭ ରହିଛି। ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି ଯେ, ପୂର୍ବରୁ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦିଆଯାଉଥିଲା। ମାତ୍ର ଯେବେ ଠାରୁ ବାହ୍ୟ କମ୍ପାନୀ ଏବଂ ଠିକାଦାରମାନଙ୍କ ପ୍ରତିପତ୍ତି ବଢ଼ିଲା, ସେବେଠାରୁ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଇ ବାହାର ରାଜ୍ୟରୁ ଶ୍ରମିକ ଅଣାଯାଉଛି। ଫଳରେ ଗାଁ ଗାଁର ଶିକ୍ଷିତ ବେକାର ଯୁବକମାନେ କାମ ପାଇଁ ଘର ଘର ବୁଲି ନିରାଶ ହେବା ପରେ ଶେଷରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ବର୍ଷବର୍ଷ ଧରି ନିଯୁକ୍ତି ଏବଂ ଅଞ୍ଚଳର ବିକାଶ ପାଇଁ ନିର୍ବାଚିତ ପ୍ରତିନିଧିମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିରଗାର ସଦୃଶ ହୋଇଛି। ଅପରପକ୍ଷେ ପରିବେଶ ମଞ୍ଜୁରି ଜନଶୁଣାଣିରେ ଖଣି କମ୍ପାନୀଗୁଡ଼ିକ ଅଞ୍ଚଳରେ ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପ୍ରତିଶ୍ରୁତିରେ ରହିଯାଇଛି। ଫଳରେ ଅଞ୍ଚଳର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳର ଯୁବପିଢି ଏକ ପ୍ରକାର ଅନିଶ୍ଚିତ ଏବଂ ଅସୁରକ୍ଷିତ ଭବିଷ୍ୟତ ମଧ୍ୟରେ ଜୀବନ ନିର୍ବାହ କରୁଛନ୍ତି।

# ବିବାଦୀୟ ଜମିରେ ପାଚେରି ନିର୍ମାଣକୁ ନେଇ ଉତ୍ତେଜନା

**ରାଉରକେଲା, ୩୧।୫(ସମିସ)**



ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବ ରୋଡସ୍ଥିତ ଇଦଗାହ ପଡ଼ିଆ ନାମରେ ପରିଚିତ ଏକ ଜମିରେ ସୀମା ପାଚେରି ନିର୍ମାଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୀମାକୁ ନେଇ ଦୁଇ ବିରୋଧୀ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଉଚ୍ଚବାଚ ପରେ ପରିସ୍ଥିତି ସମ୍ବେଦନଶୀଳ ହୋଇଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ସମୟୋଚିତ ହସ୍ତକ୍ଷେପରେ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିଦିଆ ଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ଉକ୍ତ ବିବାଦୀୟ ଏକ ଜମିର ମାଲିକାନାକୁ କେନ୍ଦ୍ରକରି ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଓରାମ ପଡ଼ାର ବାସିନ୍ଦା ମାଙ୍ଗରା ଓରାମ ଦାବି କରିଛନ୍ତି ଯେ ପ୍ରାୟ ୨ ଏକର ୯ ଡେସିମିଲ ପରିମିତ ଏହି ଜମି ତାଙ୍କର ପୈତୃକ ସମ୍ପତ୍ତି। ଏହି ଜମିକୁ ବେଆଇନ ଭାବରେ ଦଖଲ କରାଯାଇଛି ଏବଂ ସେ ଏବଂ ତାଙ୍କ ପରିବାର ବହୁ ଦଶନ୍ଧି ଧରି ଏହା ଉପରେ ଆଇନଗତ ଲଢ଼େଇ ଲଢୁଛନ୍ତି। ମାଙ୍ଗରା ଓରାମ କହିଛନ୍ତି ଯେ ମାମଲାଟି ୧୯୯୪ ମସିହାରୁ କୋର୍ଟରେ ବିଚାରାଧୀନ ରହିଛି। ରବିବାର ଚାଲିଥିବା ସୀମା ପ୍ରାଚୀର ନିର୍ମାଣ ବିଷୟରେ ଜାଣିବା ପରେ, ସେ ସ୍ଥାନୀୟ ପୁଲିସ ଷ୍ଟେସନକୁ ଯାଇ ଏକ ଅଭିଯୋଗ ଦାଖଲ କରିଥିଲେ, ଯେଉଁଥିରେ ସେ ଦାବି କରିଥିଲେ ଯେ ନିର୍ମାଣ କାର୍ଯ୍ୟ ଆଇନଗତ ଅଧିକାର ବିନା କରାଯାଉଛି। ସୂତ୍ର ଅନୁଯାୟୀ ପୁଲିସ ଅଭିଯୋଗକାରୀଙ୍କୁ ରେକର୍ଡ ଏବଂ ଅନୁମତି ଯାଞ୍ଚ ପାଇଁ ରାଉରକେଲା ମହାନଗର ନିଗମ (ଆରଏମସି) ସମେତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ମାମଲା ଉଠାଇବାକୁ ପରାମର୍ଶ ଦେଇଥିଲା। ନିର୍ମାଣ ସମ୍ପର୍କରେ ଖବର ପ୍ରସାରିତ ହେବା ମାତ୍ରେ, ଆଦିବାସୀ ସମ୍ପ୍ରଦାୟର ବହୁ ସଦସ୍ୟ ମାଙ୍ଗରା ଓରାମ, ବିଜୟ ଓରାମ ଏବଂ ଅଜୟ ଓରାମଙ୍କ ସମର୍ଥନରେ ଉକ୍ତ ସ୍ଥାନରେ ଏକତ୍ରିତ ହୋଇଥିଲେ। ବିଭିନ୍ନ ହିନ୍ଦୁ ସଂଗଠନ ସହିତ ଜଡିତ କର୍ମୀମାନେ ମଧ୍ୟ ଏକଜୁଟ ହୋଇ ପ୍ରତିବାଦରେ ସାମିଲ ହୋଇଥିଲେ। ନିୟମିତ ଭାବରେ ଜମିରେ ମିନିଟ୍ରକ୍ ପାର୍କିଂ କରୁଥିବା ଡ୍ରାଇଭରମାନେ ମଧ୍ୟ ନିର୍ମାଣକୁ ବିରୋଧ କରୁଥିବା ଜଣାପଡ଼ିଛି। ପ୍ରତିବାଦକାରୀ ପକ୍ଷର ସମର୍ଥକମାନେ ପ୍ରାଚୀର ନିର୍ମାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହିତ ମୁହାଁମୁହିଁ ହେବାପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ବିବାଦ ଗମ୍ଭୀର ରୂପ ନେବାର ସମ୍ଭାବନା ଅନୁଭବ କରି, ପୁଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ହସ୍ତକ୍ଷେପ କରିବା ଦ୍ୱାରା ଉତ୍ତେଜନା ପ୍ରଶମିତ ହେବାସହ କୌଣସି ଅପ୍ରୀତିକର ଘଟଣା ଘଟିନଥିବା ସୂଚନା ମିଳିଛି। ପୁଲିସ ହସ୍ତକ୍ଷେପ ପରେ, ସୀମା ପ୍ରାଚିର ନିର୍ମାଣ କାର୍ଯ୍ୟବନ୍ଦ କରାଯାଇଥିବା ଜଣାପଡ଼ିଛି।

### ରବି ଧାନ ଅଧିଗ୍ରହଣ

# ଓଡ଼ିଶା-ଛତିଶଗଡ଼ ସୀମାରେ ୫୨ ବସ୍ତା ଧାନ ଜବତ

**ନୂଆପଡ଼ା, ୩୧।୫(ସମିସ):** ନୂଆପଡ଼ା ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ତଃରାଜ୍ୟ ଧାନ ପରିବହନ ଓ ଅବାଧ ପ୍ରବେଶ ଉପରେ କଡ଼ା ନଜର ରଖାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ୱ, ଯୋଗାଣ ଏବଂ ଆର୍‌ଏମ୍‌ସି ଅଧିକାରୀମାନଙ୍କ ମିଳିତ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଛତିଶଗଡ଼-ଓଡ଼ିଶା ସୀମାନ୍ତ ଜଙ୍କ ନଦୀ ବନ୍ଧ ନିକଟରେ ଏକ ଟ୍ରାକ୍ଟରରୁ ୫୨ବସ୍ତା ଧାନ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ପାରକୋମ ଗ୍ରାମରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲାର କୋଲଦା ଅଞ୍ଚଳକୁ ଏକ ନମ୍ବର ପ୍ଲେଟ୍ ବିହୀନ ଟ୍ରାକ୍ଟର ଯୋଗେ ଧାନ ପରିବହନ କରାଯାଉଥିଲା। ଯାଞ୍ଚ ସମୟରେ ଟ୍ରାକ୍ଟର ଚାଳକ ସିୟା ରାମ ପଟେଲଙ୍କ ନିକଟରୁ ୫୨ବସ୍ତା ଧାନ, ପରିମାଣ ପ୍ରାୟ ୧୯.୧୨କ୍ୱିଣ୍ଟାଲ, ଜବତ କରାଯାଇଥିଲା।ଜବତ ଧାନ ଏବଂ ସମ୍ପୃକ୍ତ ଯାନବାହନକୁ ଆଇନ ଅନୁଯାୟୀ ଅଟକ ରଖାଯାଇଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅନ୍ତଃରାଜ୍ୟ ଅବୈଧ ଧାନ ପରିବହନ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୀମାନ୍ତ ଅଞ୍ଚଳଗୁଡ଼ିକରେ ନିୟମିତ ଯାଞ୍ଚ ଏବଂ ପାଟ୍ରୋଲିଂ କାର୍ଯ୍ୟ ଜୋରଦାର କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ରବି ଧାନ ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ସହ ବାହାର ରାଜ୍ୟରୁ ଅବାଧ ଧାନ ପ୍ରବେଶ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିବ।



## ଅଂଶୁଘାତରେ ମୃତ୍ୟୁ ସନ୍ଦେହ

**ଲହୁଣୀପଡ଼ା, ୩୧।୫(ସମିସ):** ଲହୁଣୀପଡ଼ା ଥାନା ତାଳବାହାଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ପ୍ରତାପ ଚନ୍ଦ୍ର ମାହାନ୍ତ (୫୧)। ତାଳବାହାଲୀ ଛକରେ ତାଙ୍କର ଏକ ଦୋକାନ ଥିଲା। ଆଜି ଦିନ ପ୍ରାୟ ଦିନ ଗୋଟାଏରୁ ଦେଢ଼ଟା ସମୟରେ ପ୍ରବଳ ଖରା ମଧ୍ୟରେ ଦୋକାନରୁ ଘରକୁ ଫେରୁଥିବା ବେଳେ ସେ ହଠାତ୍ ରାସ୍ତାରେ ଅଚେତ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟଲୋକମାନେ ତାଙ୍କୁ ଉଦ୍ଧାର କରି ଏକ ଅଟୋରେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ତୁରନ୍ତ ରାଉରକେଲା ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି।

## ନାବାଳିକା ଦୁଷ୍କର୍ମ ଘଟଣାରେ ୨ ଗିରଫ

**ଲହୁଣୀପଡ଼ା, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଞ୍ଚଳରେ ଗୁରୁବାର ରାତି ପ୍ରାୟ ୧୨ ଟା ସମୟରେ ଜଣେ ନାବାଳିକାଙ୍କୁ ଦୁଇ ଯୁବକ ଦୁଷ୍କର୍ମ କରିବା ଘଟଣାରେ ଲହୁଣୀପଡ଼ା ଥାନା ପୁଲିସ ଦୁଇ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ନାବାଳିକା ଜଣକ ନିଜ ଭିଣୋଇ ଘରକୁ ୬/୭ ଦିନ ହେବ କୁଣିଆ ଆସିଥିଲେ। ଗୁରୁବାର ଦିଦି ଭିଣେଇ କୌଣସି କାମରେ ବାହାରକୁ ଯାଇଥିଲେ। ଗୁରୁବାର ରାତି ପ୍ରାୟ ୧୨ ଟାରେ ଶୌଚ ପାଇଁ ନାବାଳିକା ଘରୁ ବାହାରକୁ ଯାଇଥିବା ବେଳେ ଛକି ରହିଥିବା ୨ ଯୁବକ ନାବାଳିକାଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ବନ୍ଦ ଥିବା ବିଦ୍ୟାଳୟରେ ଦୁଷ୍କର୍ମକରି ଫେରାର ହୋଇ ଯାଇଥିଲେ। ଶୁକ୍ରବାର ଭିଣୋଇ ଘରକୁ ଆସିବା ପରେ ନାବାଳିକାଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଅର୍ଡା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସରଗ୍ରହଣ

**ଝାରସୁଗୁଡ଼ା, ୩୧।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ଆଶ୍ରମ ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନଙ୍କୁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ପ୍ରଧାନ ୧୯୯୩ ଫେବୃଆରୀ ୧ ତାରିଖ ଦିନ ଝାରସୁଗୁଡାସ୍ଥିତ ବଞ୍ଜାରି ଏସଏସଡି ସ୍କୁଲରୁ ଶିକ୍ଷକତା କରିଥିଲେ। ୨୦୦୨ ଜୁନ୍‌ରେ ସୋଡ଼ାମାଳ, ୨୦୧୪ ମସିହା କାଳିମେଳା ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ୨୦୧୭ରେ ଏମ୍‌ଭି ୭୯ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ୨୦୧୯ ନଭେମ୍ବର ଗିରିଶ ଚନ୍ଦ୍ରପୁରରେ ପ୍ରଧାନ ଶିକ୍ଷକ, ୨୦୨୦ ମସିହା ଡିସେମ୍ବର ୨୮ ଅର୍ଡା ଆଶ୍ରମ ସ୍କୁଲ ସହ ୨୦୨୧ ମସିହା ଝାରସୁଗୁଡା ଜିଲ୍ଲା ସ୍ଥିତ ଏକଲବ୍ୟ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ସହିତ ୨୦୨୧ରେ ଝାରସୁଗୁଡା ସ୍ଥିତ (ଅବିଭକ୍ତ ସମ୍ବଲପୁର) ବଞ୍ଜାରୀ ହାଇସ୍କୁଲର ମଧ୍ୟ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ।



## ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ ପାଇଲେ ଶିକ୍ଷୟିତ୍ରୀ

**ଲାଞ୍ଜିଗଡ଼, ୩୧।୫(ସମିସ):** ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନସ୍ଥ ଗୋବର୍ଦ୍ଧନପୁର କ୍ଲଷ୍ଟରସ୍ଥିତ ପୋଡ଼ାପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ଦାସ ଶନିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସର ଗ୍ରହଣ ଦିନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଉଦ୍ୟମରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଦାସ ସମେତ ଉପସ୍ଥିତ କର୍ମଚାରୀ ଓ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମେହେରଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କର ଏଭଳି ପ୍ରୟାସକୁ ଶିକ୍ଷକ ମହଲରେ ଭୁୟସୀ ପ୍ରଶଂସା କରାଯାଇଛି। ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସମୟରେ ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




## ବରିଷ୍ଠ ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦେବଗଡ଼, ୩୧।୫(ସମିସ):** ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବାଞ୍ଛାନିଧି ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଛି। ଏହି ଉତ୍ସବ ପାଳନ ଅବସରରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନ, ସଦସ୍ୟା ସ୍ନିଗ୍ଧାରାଣୀ ନନ୍ଦ ଓ ପଲ୍ଲୀଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଚାର୍ଯ୍ୟା ଗୀତାରାଣୀ ପ୍ରଧାନ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହୋଯାଗ କରିଥିଲେ।

## କଂଗ୍ରେସର ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

**ଧର୍ମଗଡ଼/ଗୋଲାମୁଣ୍ଡା, ୩୧।୫(ସମିସ):** ଗୋଲାମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକସ୍ତରୀୟ ବିଏଲ୍‌ଏ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ନଉକେଶ୍ୱର ପୁଟେଲଙ୍କ ନେତୃତ୍ୱରେ କରଞ୍ଜକୋଟ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ପ୍ରଶିକ୍ଷଣ ଶିବିରରେ କଂଗ୍ରେସ ଦଳର ଅନେକ ବରିଷ୍ଠ ନେତା ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ଜିଲ୍ଲା ସଭାପତି ଜଳନ୍ଧର ନାଏକ, ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଏଲ୍‌ଏ ଭାରତ ଭୂଷଣ ବେମାଲ, କୃଷକ ସେଲ ଜିଲ୍ଲା ସଭାପତି ସିଦ୍ଧାର୍ଥ ନାଏକ, ଓବିସି ସେଲ ସଭାପତି ସୁରଥ ମହାକୁଡ଼, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ଏବଂ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସାଉଳ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ନରହରି ବାଗ, ସୋମେଶ୍ୱର ମୁନି, ଅନିଲ ମଲ୍ଲିକ, ଜୟରାମ ସୁନା, ପୁଷ୍ପଲତା ବିହାରୀ ଏବଂ କୁରୁକ୍ଷେତ୍ର ବନ୍ଧିଛୋଡ଼ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବୁଥ ସ୍ତରୀୟ ବିଏଲ୍‌ଏମାନଙ୍କୁ ନିର୍ବାଚନ ପ୍ରକ୍ରିୟା ଓ ଦଳୀୟ ରଣନୀତି ବାବଦରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା।

### ବେଆଇନ ବଟି ଆଦାୟ ଅଭିଯୋଗ

## ହୋମଗାର୍ଡ ପବିତ୍ର ମୋହନ ନିଲମ୍ବିତ

**ଜୟପାଟଣା, ୩୧।୫ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ପୁଲିସ ବିଭାଗରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହୋଇଛି। ଜୟପାଟଣା ଥାନାର ହୋମଗାର୍ଡ ପବିତ୍ର ମୋହନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବିତ କରିଛନ୍ତି କଳାହାଣ୍ଡି ଅତିରିକ୍ତ ଏସ୍‌ପି।ଏହା ସହ ତାଙ୍କ ଉପରେ ବିଭାଗୀୟ ଶୃଙ୍ଖଳାଗତ ତଦନ୍ତ ହେଉଥିବା ଥାନା ଅଧିକାରୀଣି ଅର୍ଚ୍ଚନା ନାଏକ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ପବିତ୍ର ମୋହନ ନିଜ ପଦବୀର ଅପବ୍ୟବହାର କରି ସ୍ଥାନୀୟ ଅଞ୍ଚଳରେ ବେଆଇନ ବଟି ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଆଇନର ଭୟ ଦେଖାଇ ସେ ପ୍ରବଳ ଅର୍ଥ ଲୁଟୁଥିବା ନେଇ ଉଚ୍ଚ ପଦାଧିକାରୀଙ୍କ ପାଖରେ ଅଭିଯୋଗ ହୋଇଥିଲା। କେବଳ ନିଲମ୍ବନ ନୁହେଁ, ବରଂ ଏହି ସାମ୍ରାଜ୍ୟ ପଛର ପ୍ରକୃତ ସତ୍ୟ ଜାଣିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ସୂଚନା ମୁତାବକ ପୂର୍ବରୁ ଏଭଳି ଅଭିଯୋଗରେ ଦୁଇଜଣ ହୋମଗାର୍ଡ ନିଲମ୍ବିତ ହୋଇଛନ୍ତି।ତେବେ କେବଳ ହୋମଗାର୍ଡ ବଳି ପଡୁଥିବା ବେଳେ ତୃଣମୂଳରେ କେଉଁ ରହସ୍ୟ ଭେଦ ଅଛି ତାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ବନବିଭାଗର ଚଢ଼ଉ

# ମୃତ କୁଟୁରା ଜବତ, ଅଭିଯୁକ୍ତ ଫେରାର

**ଦେବଗଡ଼, ୩୧।୫(ସମିସ):** ରିଆମାଳ ବନାଞ୍ଚଳ ଅଧୀନ କେନ୍ଦୁଆପାଳ ଜଙ୍ଗଲରେ ଆଜି ମଧ୍ୟାହ୍ନରେ କେତେକ ଦୁର୍ବୃତ୍ତ ଏକ କୁଟୁରା ଶିକାର କରି ମାଂସ ଭାଗବଣ୍ଟା କରୁଥିଲେ। ଏହି ସମୟରେ ବନବିଭାଗ କର୍ମଚାରୀଙ୍କୁ ଦେଖି ଦୁର୍ବୃତ୍ତ ମାନେ ମୃତ କୁଟୁରା ଛାଡ଼ି ଫେରାର ହୋଇଯାଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ଏକ ଟାଙ୍ଗିଆ ଓ ଏକ ବାଇକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ମୃତ କୁଟୁରାର ବ୍ୟବଚ୍ଛେଦ କରାଯାଇ ମାଟିରେ ପୋତି ଦିଆଯାଇଛି। ସୂଚନା ଅନୁସାରେ ରବିବାର ବନରକ୍ଷୀ ଅମିର କୁମାର ପ୍ରଧାନ ବିଭାଗୀୟ ପାରା ଷ୍ଟାଫ୍‌ଙ୍କୁ ଧରି ଜଙ୍ଗଲରେ ଫୁଟ୍ ପାଟ୍ରୋଲିଂ କରୁଥିବାବେଳେ କିଛି ଦୁର୍ବୃତ୍ତ ଏକ କୁଟୁରାକୁ ମାରି ମାଂସ ଭାଗ ବଣ୍ଟା ପାଇଁ ପ୍ରସ୍ତୁତି ଚଳାଇଥିଲେ। ବନବିଭାଗ କର୍ମଚାରୀଙ୍କୁ ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହା ଦେଖି ବନରକ୍ଷୀ ଅମୀର ସଙ୍ଗେସଙ୍ଗେ ବନାଞ୍ଚଳ ଅଧିକାରୀ ଓ ବନପାଳଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ଓ ବନପାଳ ବାଣେଶ୍ୱର ପରିଡ଼ା ପହଞ୍ଚି ଟାଙ୍ଗିଆ ଓ ବାଇକ୍‌କୁ ଜବତ କରିଥିଲେ। ସେହିପରି ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଛାନଭିନ ଜାରି ରହିଥିବା ସୂଚନା ମିଳିଛି।



### ଜିଲ୍ଲା ପୁଲିସ ବିଭାଗରେ ଅଦଳବଦଳ

# ସଦର ଥାନା ଦାୟିତ୍ୱରୁ ହଟିଲେ ସ୍ୱପ୍ନାରାଣୀ; ନୂଆ ଆଇଆଇସି ଶୋଭାକର ସେଠ

**ଝାରସୁଗୁଡ଼ା, ୩୧।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ପୁଲିସ ବିଭାଗରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଜିଲ୍ଲା ପୁଲିସ ଅଧିକ୍ଷକଙ୍କ ପକ୍ଷରୁ ଜାରି ହୋଇଥିବା ଆଦେଶ ଅନୁଯାୟୀ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ସଦର ଥାନା ଦାୟିତ୍ୱରୁ ହଟାଇ ଝାରସୁଗୁଡା ଆଇଏଏଚ୍‌ଟିୟୁକୁ ବଦଳି କରାଯାଇଛି। ଅନ୍ୟପଟେ ଲଖନପୁର ଥାନା ଆଇଆଇସି ସୋଭାକର ସେଠଙ୍କୁ ଝାରସୁଗୁଡା ସଦର ଥାନାର ନୂତନ ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିପରି ବ୍ରଜରାଜନଗର ଥାନାରେ କାର୍ଯ୍ୟରତ ପୂର୍ଣ୍ଣାମୀ ଓରାମଙ୍କୁ ଲଖନପୁର ଥାନା ଆଇଆଇସି ଭାବେ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ଆଇଏଏଚ୍‌ଟିୟୁରେ କାର୍ଯ୍ୟରତ ବୀରବର ଭଗତଙ୍କୁ ଆଇୟୁସିଏଡ୍‌ବ୍ଲ୍ୟୁକୁ ବଦଳି କରାଯାଇଥିବାବେଳେ ବରଗଡ଼ରୁ ଝାରସୁଗୁଡାକୁ ବଦଳି ହୋଇ ଆସୁଥିବା ଏଏସଆଇ କମଳିନୀ ନାୟକଙ୍କୁ ବ୍ରଜରାଜନଗର ଥାନାରେ ପୋଷ୍ଟିଂ ଦିଆଯାଇଛି। ଜିଲ୍ଲା ପୁଲିସ ପ୍ରତିଷ୍ଠାନ ବୋର୍ଡର ସୁପାରିସ କ୍ରମେ ଏହି ଅଦଳବଦଳ କରାଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ନୂତନ କାର୍ଯ୍ୟସ୍ଥଳରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଭିନ୍ନ ଥାନାରେ ଆମ ପୁଲିସ ସମିତି ବୈଠକ

**ଦେବଗଡ଼, ୩୧।୫(ସମିସ):** ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ସହ ଆପୋଷ ସୁ-ସମ୍ପର୍କ ମଧ୍ୟରେ ଜିଲ୍ଲାରୁ ଅପରାଧ ହ୍ରାସ ଲକ୍ଷ୍ୟରେ ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ଥାନାରେ ଆଜି ଆମ ପୁଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଆଦର୍ଶ ଥାନା ପରିସରରେ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରର ବିଭିନ୍ନ ସୁନା ବ୍ୟବସାୟୀ, ହୋଟେଲ ବ୍ୟବସାୟୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପୁଲିସ ପକ୍ଷରୁ ଜାରି କରାଯାଇଥିବା ଗାଇଡଲାଇନ ପାଳନ ଉପରେ ଗୁରୁତ୍ୱ ଦେଇଥିଲେ। ନିଜନିଜ ବ୍ୟବସାୟ ପ୍ରତିଷ୍ଠାନରେ ସିସିଟିଭି ଖଞ୍ଜାଯିବା, ପରିଚୟ ପତ୍ରର ସଠିକ ଯାଞ୍ଚ ସହ ସନ୍ଦେହାସ୍ପଦ ବ୍ୟକ୍ତି ବିଶେଷଙ୍କ ବିଷୟରେ ପୁଲିସକୁ ତୁରନ୍ତ ସୂଚନା ପାଇଁ ସଚେତନ କରାଯାଇଥିଲା। ସେହିପରି ବାରକୋଟ ଥାନା ପୁଲିସ ପକ୍ଷରୁ ବମ୍ପରଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଥାନା ଅଧିକାରୀ ସୁଶାନ୍ତ ବଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମିତି ବୈଠକରେ ଅଞ୍ଚରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଇବା ସହ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ପାଇଁ ଉପସ୍ଥିତ ଜନ ସାଧାରଣ ମତ ପ୍ରକାଶ କରିଥିଲେ। ପୁଲିସ ପକ୍ଷରୁ ସାଇବର ଠକେଇରୁ ନିଜକୁ ରକ୍ଷା ପାଇଁ ସଚେତନ କରାଯିବା ସହ ଜାତୀୟ ରାଜପଥ ଉପରେ ଯାନବାହାନ ଚାଳନାବେଳେ ଟ୍ରାଫିକ ନିୟମାବଳୀ ପାଳନ ପାଇଁ ସଚେତନ କରାଯାଇଥିଲା। ସେହିପରି ରିଆମାଳ ଥାନା ପରିସରରେ ଥାନା ଅଧିକାରୀ ବିନୟ କେରକେଟ୍ଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆମ ପୁଲିସ ସମିତି ବୈଠକରେ ଥାନାଞ୍ଚଳରେ ନାବାଳିକା ନିଖୋଜ ବା ଅପହରଣ ସଂକ୍ରାନ୍ତ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟରେ ଏହା ଏକ ଚିନ୍ତାର କାରଣ ସାଜିଥିବା ଉପସ୍ଥିତ ଜନସାଧାରଣ ମତପ୍ରକାଶ କରିବା ସହ ଏହାକୁ ରୋକିବା ଦିଗରେ ସାମାଜିକ ସ୍ତରରେ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଆମ ପୁଲିସ ସମିତି ବୈଠକ ଥାନା ପରିସରରେ ସୀମିତ ନ ରଖି ପଞ୍ଚାୟତସ୍ତରରେ ବିଭିନ୍ନ ଗ୍ରାମରେ ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ, ବରିଷ୍ଠ ନାଗରିକ, ବ୍ୟବସାୟୀ ତଥା ଜନସାଧାରଣ ଉପସ୍ଥିତ ଥିଲେ।



# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



**ଦେବଗଡ଼, ୩୧।୫(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ଡାକ୍ତର ଭବାନୀଶଙ୍କର ମଲ୍ଲିକ, ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ସାହୁ, ଆରବିଏସ୍‌କେ ମ୍ୟାନେଜର ମୁକେଶ ଭୋଇ ପ୍ରମୁଖ ଯୋଗ ଦେଇ ତମାଖୁ ବ୍ୟବହାର ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏଏନ୍‌ଏମ୍ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ୱାଭିମାନ ପାଇଁ ସଂଗ୍ରାମ

# ଜୋର ଧରିଲା ମାଳି ସୁରକ୍ଷା ଆନ୍ଦୋଳନ

**ଥୁଆମୂଳରାମପୁର, ୩୧।୫(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ଅଞ୍ଚଳରେ ମାଳି ସୁରକ୍ଷା ଆନ୍ଦୋଳନ ଦିନକୁ ଦିନ ତୀବ୍ର ରୂପ ନେଉଛି। ବିଶେଷକରି କେରପାଇ, ନାକରୁଣ୍ଡି, ତଳାମପଦର ଏବଂ ସିଲେଟ ପଞ୍ଚାୟତ ଅଞ୍ଚଳରେ ଖଣି ଖନନ ବିରୋଧୀ ସ୍ୱର ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ମାଆ, ମାଟି ଏବଂ ମାଳିର ସୁରକ୍ଷାକୁ ନେଇ ସ୍ଥାନୀୟ ଆଦିବାସୀ, ବନବାସୀ ଏବଂ ଖଣି ପ୍ରଭାବିତ ଲୋକେ ଏକଜୁଟ ହୋଇ ଆନ୍ଦୋଳନକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ରବିବାର ଦିନ ଥୁଆମୂଳରାମପୁର ବ୍ଲକ ଅନ୍ତର୍ଗତ ଅଧନସୁ-ଗୁଣପୁର ଅଞ୍ଚଳରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଆୟୋଜିତ ଏକ ବୈଠକରେ ବହୁ ସଂଖ୍ୟକ ଖଣି ପ୍ରଭାବିତ ଲୋକ ଯୋଗଦେଇ ନିଜର ମତାମତ ରଖିଥିଲେ। ବୈଠକରେ ଉପସ୍ଥିତ ବକ୍ତାମାନେ ସ୍ପଷ୍ଟ କରି କହିଥିଲେ ଯେ, ସେମାନଙ୍କର ଲଢ଼େଇ କୌଣସି ଭତ୍ତା କିମ୍ବା ଆର୍ଥିକ ସହାୟତା ପାଇଁ ନୁହେଁ, ବରଂ ନିଜ ଅସ୍ତିତ୍ୱ, ପରିବେଶ, ଜୀବିକା ଏବଂ ସ୍ୱାଭିମାନର ସୁରକ୍ଷା ପାଇଁ। ବୈଠକରେ ଅଭିଯୋଗ କରାଯାଇଥିଲା ଯେ, କିଛି କମ୍ପାନୀ ଏବଂ ସେମାନଙ୍କ ସମର୍ଥକମାନେ ୧୫ ଶହ, ୩ ହଜାର କିମ୍ବା ୫ ହଜାର ଟଙ୍କା ଭଳି ଭତ୍ତା ଦେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଉଦ୍ୟମ କରୁଛନ୍ତି। କିନ୍ତୁ ଏହି ପ୍ରଲୋଭନରେ ଆଉ କେହି ପ୍ରଭାବିତ ହେବେ ନାହିଁ ବୋଲି ଅଞ୍ଚଳବାସୀ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଟଙ୍କା ପାଇଁ ନିଜ ଭୂମି, ଜଙ୍ଗଲ ଓ ପରିଚୟକୁ ବିକ୍ରି କରିବା ପ୍ରଶ୍ନ ଉଠୁନାହିଁ।ବୈଠକରେ ସିଜିମାଳି, କୁଟ୍ରୁମାଳି ଏବଂ ଖଣ୍ଡୁଆଲମାଳି ଭଳି ସମ୍ବେଦନଶୀଳ ପାହାଡ଼ ଅଞ୍ଚଳରେ ଖଣି ଖନନ ପ୍ରସ୍ତାବକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଥିଲା। ଉପସ୍ଥିତ ଲୋକମାନେ କହିଥିଲେ କୌଣସି ବହୁରାଷ୍ଟ୍ରୀୟ କମ୍ପାନୀ ସ୍ଥାନୀୟଲୋକଙ୍କ ସ୍ୱାର୍ଥ ଓ ଭାବନାକୁ ଟଙ୍କାରେ କିଣି ପାରିବେ ନାହିଁ। ଏହି ଅଞ୍ଚଳର ପାହାଡ଼, ଜଙ୍ଗଲ, ଜଳସମ୍ପଦ ଓ ପାରମ୍ପରିକ ଜୀବନଶୈଳୀକୁ ସୁରକ୍ଷା ଦେବା ପାଇଁ ସମସ୍ତେ ଏକାଠି ହୋଇ ଆନ୍ଦୋଳନକୁ ଅଧିକ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଗତ କିଛି ବର୍ଷ ମଧ୍ୟରେ ଖଣି ଖନନ ହେଉଥିବା ବିଭିନ୍ନ ଅଞ୍ଚଳର ପରିସ୍ଥିତିକୁ ଦେଖି ସ୍ଥାନୀୟ ଲୋକ ଏବେ ସଚେତନ ହୋଇଛନ୍ତି। ଖଣି ଖନନ ଫଳରେ ପରିବେଶ ପ୍ରଦୂଷଣ, ଜଳ ସଙ୍କଟ, ଚାଷ ଜମିର କ୍ଷତି, ବନଜ ସମ୍ପଦର ହ୍ରାସ ଏବଂ ବିସ୍ଥାପନ ଭଳି ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି। ତେଣୁ ନିଜ ଭୂମି ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପଥ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକ ଶେଷରେ ଅଞ୍ଚଳବାସୀ ଭବିଷ୍ୟତରେ ମାଳି ସୁରକ୍ଷା ଆନ୍ଦୋଳନକୁ ଅଧିକ ସୁସଂଗଠିତ ଓ ବ୍ୟାପକ କରିବା ସହ ଗ୍ରାମ ସ୍ତରରେ ସଚେତନତା ଅଭିଯାନ ଜାରି ରଖିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ଭତ୍ତା ନୁହେଁ, ସ୍ୱାଭିମାନ' ନାରା ସହ ଅଞ୍ଚଳରେ ଖଣି ବିରୋଧୀ ଆନ୍ଦୋଳନ ଆଗାମୀ ଦିନରେ ଆହୁରି ଜୋରଦାର ହେବାର ସଙ୍କେତ ମିଳିଛି।

**ମାଆ-ମାଟି-ମାଳିର ସୁରକ୍ଷା ପାଇଁ ଲଢ଼ିବୁ : ଖଣି ପ୍ରଭାବିତ ଆଦିବାସୀ**

